# ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟ,ଲାଞ୍ଜିଗଡ (ବିଶ୍ୱନାଥପୁର)

ପତ୍ର ସଂଖ୍ୟା- ୮୬୮ ତାରିଖ- ୦୩.୦୮.୨୦୨୫

## ବିଜ୍ଞାପନ

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଏହି ପ୍ରକଳ୍ପ ଅଧିନରେ ନିମ୍ନ ଲିଖିତ ୭ ଗୋଟି ଅଙ୍ଗନୱାଡି ସହାୟିକା ଖାଲି ଥିବା ପଦବୀ ପୂରଣ ନିମନ୍ତେ ଇଚ୍ଛୁକ ପ୍ରାର୍ଥୀନୀ ମାନଙ୍କଠାରୁ ଅନଲାଇନ (online) ମାଧ୍ୟମରେ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଦରଖାସ୍ତ ଦାଖଲର ସମୟ ସୀମା ତା୦୭-୦୯ -୨୦୨୫ ଠାରୁ ୨୧-୦୯ -୨୦୨୫ ଚିଖ ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଅଛି । ଏଣୁ ଇଚ୍ଛୁକ ପ୍ରାର୍ଥୀନୀମାନେ Online Portal (https://engagement-awc.odisha.gov.in/landing) ମାଧ୍ୟମରେ ଅବଶ୍ୟକ ହେଉଥିବା ସମସ୍ତ ଯୋଗ୍ୟତାର ପ୍ରମାଣ ପତ୍ର upload କରି ଆବେଦନ କରି ପାରିବେ । ଏହି portal ମଧ୍ୟରେ ଥିବା Public Signup ରେ User Id ଓ Password ସୃଷ୍ଟି କରି Public Login ରେ ଧାର୍ଯ୍ୟ ତାରିଖ ମଧ୍ୟରେ ଆବେଦନ କରି ପାରିବେ । କୌଣସି ପ୍ରାର୍ଥୀନୀଙ୍କ ଦରଖାସ୍ତ ଅଫିସ କାର୍ଯ୍ୟାଳୟରେ କିମ୍ବା ପୋଷ୍ଟ ଦ୍ୱାରା ଗ୍ରହଣ କରାଯିବ ନାହିଁ । ପ୍ରାର୍ଥୀନୀ ସମ୍ପୃକ୍ତ ଅଙ୍ଗନୱାଡି କେନ୍ଦ୍ର ସେବା ପରିସର (service area ) ରେ ସ୍ଥାୟୀ ବାସିନ୍ଦା ହୋଇଥିବା ଆବଶ୍ୟକ ।

ତତ୍ ସଙ୍ଗେ ସଙ୍ଗେ ପ୍ରାର୍ଥୀନୀମାନଙ୍କୁ ଜଣାଇଦିଆଗଲା ଯେ ସମସ୍ତ ମୂଳ ପ୍ରମାଣ ପତ୍ରର ତନଖି ତା-୨୨-୦୯-୨୦୨୫ ରିଖ ଦିବା ୧୧.୦୦ ରୁ ୪.୦୦ ଘଟିକା ସମୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ଠାରେ ତନଖି କରାଯିବ । ଏଣୁ ଉକ୍ତ ଦିନ ପ୍ରାର୍ଥୀନୀମାନେ ସମସ୍ତ ମୂଳ ପ୍ରମାଣପତ୍ର ସହ ନିଜେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟ,ଲାଞ୍ଜିଗଡ (ବିଶ୍ୱନାଥପୁର) ଠାରେ ଉପସ୍ଥିତ ରହି ଯାଞ୍ଚ ପ୍ରକ୍ରିୟାରେ ଅଂଶଗ୍ରହଣ କରିବେ। ଯାଞ୍ଚ ନିମନ୍ତେ ନିର୍ଦ୍ଧାରିତ ଦିନ ଓ ସମୟ ମଧ୍ୟରେ ଅନୁପସ୍ଥିତ ରହିଲେ ଉକ୍ତ ଅନୁପସ୍ଥିତ ପ୍ରାର୍ଥୀନୀଙ୍କର କୌଣସି ଦରଖାସ୍ତ ବିଚାରକୁ ନିଆଯିବ ନାହିଁ ତଥା ଅସମ୍ପୂର୍ଣ ତଥ୍ୟ କିମ୍ବା ବିନା ଦସ୍ତାବିଜରେ ଦେଇଥିବା ଦରଖାସ୍ତଗୁଡିକୁ ଖାରଜ କରାଯିବ । ଯଦି ଜାଲ ପ୍ରମାଣପତ୍ର ହୋଇଥାଏ ତାହେଲେ ଆଇନ ଅନୁଯାୟୀ ଦଣ୍ଡିତ କରିବା ନିମନ୍ତେ ପଦକ୍ଷେପ ନିଆଯିବ । ଆବଶ୍ୟକ ସ୍ଥଳେ ଯେକୌଣସି ସମୟରେ ବିନା କାରଣ ଦର୍ଶାଇ ପ୍ରସ୍ତାବିତ କେନ୍ଦ୍ରର ବିଜ୍ଞାପନକୁ ବିନା ସୂଚନା ରେ ବାତିଲ କରାଯାଇପାରେ । ପ୍ରାର୍ଥୀନୀ ଯଦି ସମ୍ପୃକ୍ତ ତହସିଲଦାରଙ୍କ ଦ୍ୱାରା ସ୍ଥାୟୀ ବାସିନ୍ଦା ପ୍ରମାଣ ପତ୍ର ପାଇ ମଧ୍ୟ ସରକାରଙ୍କ ନିୟମାବଳୀ ଅନୁଯାୟୀ ଅଙ୍ଗନୱାଡି କେନ୍ଦ୍ରର ସେବାଗ୍ରାମପଡା ପରିସୀମାରେ ରହି ନଥିବେ ତେବେ ବିନା ନୋଟିସରେ ଅଯୋଗ୍ୟ ବୋଲି ବିବେଚିତ ହୋଇ ଚୟନ ପ୍ରକ୍ରିୟାରୁ ବାଦ ପଡ଼ିବେ । ଖାଲିଥିବା କେନ୍ଦ୍ରର ନାମ ଏବଂ ସହାୟିକା ପଦବୀ ପାଇଁ ଆବଶ୍ୟକ ହେଉଥିବା ଯୋଗ୍ୟତାଗୁଡିକ ନିମ୍ନରେ ପ୍ରଦତ୍ତ କରାଗଲା।

| କ୍ର. ସଂ. | ସହାୟିକା ପଦବୀ ଖାଲିଥିବା ଅଙ୍ଗନୱାଡି କେନ୍ଦ୍ର ର ନାମ | ଗ୍ରାମ ପଞ୍ଚାୟତର ନାମ | ମଣ୍ଡଳ ର ନାମ | ସେବାଗ୍ରାମ |
|---|---|---|---|---|
| ୧ | ବୁଢାଉମେର | ପୋଖରିବନ୍ଧ | ବିଶ୍ୱନାଥପୁର | ପ୍ରାର୍ଥୀନୀ ସମ୍ପୃକ୍ତ ଅଙ୍ଗନୱାଡି କେନ୍ଦ୍ର ର ସେବା ଗ୍ରାମ ପରିସର ଭୁକ୍ତ ହୋଇଥିବା ଆବଶ୍ୟକ |
| ୨ | ଖମନଖୁଣ୍ଟି | ଚମ୍ପାଦେଇପୁର | ବିଶ୍ୱନାଥପୁର | ପ୍ରାର୍ଥୀନୀ ସମ୍ପୃକ୍ତ ଅଙ୍ଗନୱାଡି କେନ୍ଦ୍ର ର ସେବା ଗ୍ରାମ ପରିସର ଭୁକ୍ତ ହୋଇଥିବା ଆବଶ୍ୟକ |
| ୩ | ମଥାଗୁଡ଼ା | ଲାଞ୍ଜି | ବେନଗାଁ | ପ୍ରାର୍ଥୀନୀ ସମ୍ପୃକ୍ତ ଅଙ୍ଗନୱାଡି କେନ୍ଦ୍ର ର ସେବା ଗ୍ରାମ ପରିସର ଭୁକ୍ତ ହୋଇଥିବା ଆବଶ୍ୟକ |
| ୪ | ଜଙ୍ଗେରଗୁଡା | ଲାଞ୍ଜି | ବେନଗାଁ | ପ୍ରାର୍ଥୀନୀ ସମ୍ପୃକ୍ତ ଅଙ୍ଗନୱାଡି କେନ୍ଦ୍ର ର ସେବା ଗ୍ରାମ ପରିସର ଭୁକ୍ତ ହୋଇଥିବା ଆବଶ୍ୟକ |
| ୫ | କାବାଙ୍ଗହେକୁ | ଗୁଣ୍ଡରୀ | ଗୁଣ୍ଡରୀ | ପ୍ରାର୍ଥୀନୀ ସମ୍ପୃକ୍ତ ଅଙ୍ଗନୱାଡି କେନ୍ଦ୍ର ର ସେବା ଗ୍ରାମ ପରିସର ଭୁକ୍ତ ହୋଇଥିବା ଆବଶ୍ୟକ |
| ୬ | ଅଡନ୍ତଲା | ଗୁଣ୍ଡରୀ | ଗୁଣ୍ଡରୀ | ପ୍ରାର୍ଥୀନୀ ସମ୍ପୃକ୍ତ ଅଙ୍ଗନୱାଡି କେନ୍ଦ୍ର ର ସେବା ଗ୍ରାମ ପରିସର ଭୁକ୍ତ ହୋଇଥିବା ଆବଶ୍ୟକ |
| ୭ | କୋଲଗାଁ | ଭଟାଙ୍ଗପଦର | ଗୁଣ୍ଡରୀ | ପ୍ରାର୍ଥୀନୀ ସମ୍ପୃକ୍ତ ଅଙ୍ଗନୱାଡି କେନ୍ଦ୍ର ର ସେବା ଗ୍ରାମ ପରିସର ଭୁକ୍ତ ହୋଇଥିବା ଆବଶ୍ୟକ |

Scanned with OKEN Scanner

## ଅଙ୍ଗନୱାଡି ସହାୟିକା ପାଇଁ ସର୍ତ୍ତାବଳୀ :

୧. ପ୍ରାର୍ଥୀନୀ ସମ୍ପୃକ୍ତ ଅଙ୍ଗନୱାଡି କେନ୍ଦ୍ର ସେବାଗ୍ରାମ ପରିସର (service area) ରେ ସ୍ଥାୟୀ ବାସିନ୍ଦା ହୋଇ ଥିବା ଆବଶ୍ୟକ ।

୨. ପ୍ରାର୍ଥୀନୀଙ୍କ ବୟସ ସୀମା ତା ୦୧.୦୧.୨୦୨୫ ରିଖ ସୁଦ୍ଧା ୧୮ ବର୍ଷରୁ ୩୫ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ ।

୩. ପ୍ରାର୍ଥୀନୀଙ୍କ ଶିକ୍ଷାଗତ ଯୋଗ୍ୟତା ସର୍ବ ନିମ୍ନ +୨ (ଦ୍ୱାଦଶ) କିମ୍ବା ଇଂଜିନିୟରିଙ୍ଗ ରେ ୩ ବର୍ଷ ଡିପ୍ଲୋମା କୋର୍ସ SCTE ଏବଂ VT ଓଡ଼ିଶା ଦ୍ୱାରା ପାସ୍ ହୋଇଥିବା ଅବଶ୍ୟକ ।

୪. ଦ୍ୱାଦଶ ଶ୍ରେଣୀ ତଦୁର୍ଦ୍ଧ ଶିକ୍ଷାଗତ ଯୋଗ୍ୟତା ଥିଲେ +୨ ସହିତ ସମ୍ପୃକ୍ତ ଶିକ୍ଷାଗତ ଯୋଗ୍ୟତା ର ସମସ୍ତ ପ୍ରମାଣ ପତ୍ର ଓ ମାର୍କସିଟ୍ ଅନଲାଇନ ମାଧ୍ୟମରେ ଦାଖଲ କରନ୍ତୁ ଏବଂ ସମସ୍ତ ପ୍ରମାଣ ପତ୍ର ସମୟ ସୀମା ଭିତରେ ଦାଖଲ କରିବେ ଏଥିରେ କୌଣସି ବ୍ୟତିକ୍ରମ ହେଲେ ଦରଖାସ୍ତ ନାକଚ କରାଯିବ ।

୫. ପ୍ରାର୍ଥୀନୀ ଅନାଥ,ବିଧବା, ସ୍ୱାମୀଙ୍କଠାରୁ ଅଲଗା ହୋଇଥିବା ମହିଳା, ଛାଡପତ୍ର ପ୍ରାପ୍ତ କିମ୍ବା ପରିତ୍ୟକ୍ତ ମହିଳା, ନିରାଶ୍ରୟ ମହିଳା ହୋଇଥିଲେ ଉପଯୁକ୍ତ କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଠାରୁ ପ୍ରାପ୍ତ ସମ୍ପୃକ୍ତ ପ୍ରମାଣ ପତ୍ର upload କରିବେ । ଏହିସବୁ ବର୍ଗ କୁ ଅତିରିକ୍ତ ପଏଣ୍ଟ ପ୍ରଦାନ କରିବା ସହ ଅଗ୍ରାଧିକାର ପ୍ରଦାନ କରାଯିବ ।

| କ୍ରମିକ ସଂଖ୍ୟା | ବର୍ଗ | ଅତିରିକ୍ତ ପଏଣ୍ଟ |
|---|---|---|
| ୧ | ଅନୁସୂଚିତ ଜାତି / ଅନୁସୂଚିତ ଜନଜାତି | ୧୦ |
| ୨ | ବିଧବା | ୧୦ |
| ୩ | ଅନାଥ | ୧୦ |
| ୪ | ନିରାଶ୍ରୟ/ଛାଡପତ୍ର ପ୍ରାପ୍ତ /ପରିତ୍ୟକ୍ତା ମହିଳା | ୫ |
| ୫ | ଯଦି ପ୍ରାର୍ଥିନୀ +୨ ପାସରୁ ଉଚ୍ଚ ଶିକ୍ଷାଗତ ଯୋଗ୍ୟତା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି | ୫ |

୬. ଅଙ୍ଗନୱାଡି ସହାୟିକା ଚୟନ ପାଇଁ ଓଡିଆ ଭାଷା ଜ୍ଞାନ ବାଧ୍ୟତାମୂଳକ ।

୭ .ସ୍ଥାୟୀ ବାସିନ୍ଦା ପ୍ରମାଣ ପତ୍ର ପ୍ରାପ୍ତ ହୋଇଥିବା ଅବଶ୍ୟକ ।

୮. ଅଙ୍ଗନୱାଡି ସହାୟିକା ଶିଶୁ ମାନଙ୍କୁ ରୋଷେଇ କରି ଖାଇବାକୁ ଦେବ ଏବଂ ଅଙ୍ଗନୱାଡି କେନ୍ଦ୍ରର ଦୈନନ୍ଦିନ କାର୍ଯ୍ୟ କରିବାରେ ଅଙ୍ଗନୱାଡି କର୍ମୀଙ୍କୁ ସହଯୋଗ କରିବାକୁ ଇଚ୍ଛୁକ ଥିବା ଆବଶ୍ୟକ ।

୯. ପ୍ରାର୍ଥୀନୀଙ୍କ ପାଇଁ ସରକାରଙ୍କ ନିର୍ଦ୍ଦେଶାବଳୀ ପ୍ରକାରେ ଓଡ଼ିଶା ସଂରକ୍ଷଣ ନିୟମ ORV ACT ଏହି ଚୟନକୁ ଲାଗୁ ହେବନାହିଁ । ମୁଖ୍ୟତଃ ଏସ୍ ସି , ଏସ୍ ଟି ଏବଂ ଓବିସି ଜନସଂଖ୍ୟା ଦ୍ୱାରା ଅଧିକୃତ ଗ୍ରାମ ଗୁଡିକରେ ଚୟନ କରାଯାଇଥିବା ସହାୟିକା ଏହି ସମ୍ପ୍ରଦାୟର ହୋଇପାରନ୍ତି , ଯେଉଁମାନେ ସଂଖ୍ୟା ଗରିଷ୍ଠ ଅଟନ୍ତି ।

୧୦.ଅଙ୍ଗନୱାଡି ସହାୟିକା ଭାବେ ମନୋନୀତ ହୋଇ କାମରେ ନିୟୋଜିତ ପ୍ରାର୍ଥୀନୀ ସାଧାରଣତଃ ୬୦ ବର୍ଷ ବୟସ ପର୍ଯ୍ୟନ୍ତ କାମ କରିବେ । ୬୦ ବର୍ଷ ପରେ ପୁନଃ ନିୟୋଜିତ ହେବାକୁ ଚାହୁଁଥିବା ସହାୟିକା ମାନେ ବିଭାଗ ଆଦେଶ ନଂ ୩୬୫୭ ତା ୦୨/୦୩/୨୦୧୯ ରିଖ ଅନୁଯାୟୀ ଦୁଇ ବର୍ଷ ବୃଦ୍ଧି ପାଇଁ ଆବେଦନ କରିପାରିବେ ।

୧୧.ପ୍ରାର୍ଥୀନୀଙ୍କ ଠାରୁ ଆବଶ୍ୟକୀୟ ସମସ୍ତ ପ୍ରମାଣ ପତ୍ର online ମାଧ୍ୟମରେ upload କରିଥିବା ବ୍ୟତୀତ କୌଣସି ହାତଲେଖା ଦସ୍ତାବିଜ ମୂଳ ପ୍ରମାଣ ପତ୍ରର ତନଖି ସମୟରେ ଗ୍ରହଣ କରାଯିବନାହିଁ କିମ୍ବା କୌଣସି ପ୍ରମାଣ ପତ୍ର ଯଦି ଭୁଲ ବଶତଃ upload କରିନଥିବେ ତେବେ ତାହା ମଧ୍ୟ ସେହି ସମୟରେ ଦାଖଲ କଲେ ଗ୍ରହଣଯୋଗ୍ୟନୁହେଁ ।

୧୨.ଏହି ପ୍ରକଳ୍ପ PVTG ଅଞ୍ଚଳରେ ଅସୁଥିବାହେତୁ ଅଙ୍ଗନୱାଡି ସହାୟିକା ଭାବେ ଏସ୍ ଟି ପ୍ରାର୍ଥୀନୀମାନଙ୍କୁ ପ୍ରଧାନ୍ୟତା ଦିଆଯିବ ।

## ଆବେଦନ ପାଇଁ ଆବଶ୍ୟକୀୟ ପ୍ରମାଣ ପତ୍ର-

୧. ସମସ୍ତ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣ ପତ୍ର ଓ ମାର୍କସିଟ୍ upload କରିବେ ।

୨. ଜାତିଗତ ପ୍ରମାଣପତ୍ର upload କରିବେ ।

Scanned with OKEN Scanner

୩. ସ୍ଥାୟୀ ବାସିନ୍ଦା ପ୍ରମାଣ ପତ୍ର upload କରିବେ ।

୪ ପ୍ରାର୍ଥୀନୀ ଅନାଥ,ବିଧବା,ସ୍ୱାମୀଙ୍କଠାରୁ ଅଲଗା ହୋଇଥିବା ମହିଳା, ଛାଡପତ୍ର ପ୍ରାପ୍ତ କିମ୍ବା ପରିତ୍ୟକ୍ତ ମହିଳା, ନିରାଶ୍ରୟ ମହିଳା ହୋଇଥିଲେ ଉପଯୁକ୍ତ କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଠାରୁ ସମ୍ପୃକ୍ତ ପ୍ରମାଣ ପତ୍ର upload କରିବେ ।

୫. ପ୍ରାର୍ଥୀନୀ ନିଜ ଦସ୍ତଖତ , ନିଜର ଏକ ପାସପୋର୍ଟ ଫୋଟୋଗ୍ରାଫ ଓ ଅଧାର୍ କାର୍ଡ upload କରିବେ ।

(ସ୍ୱାକ୍ଷର) ୦୩.୦୮.୨୦୨୫

ଶିଶୁବିକାଶ ଯୋଜନା ଅଧିକାରୀ
Child Development Project Officer
ଲାଞ୍ଜିଗଡ
Lanjigarh

ପରିପତ୍ର ସଂଖ୍ୟା ୮୪୮ ତା ୦୩.୦୮.୨୦୨୫

ଏହାର ଏକକିତା ନକଲ କାର୍ଯ୍ୟାଳୟର ବିଜ୍ଞାପନ ଫଳକରେ ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ସଂଲଗ୍ନ କରାଗଲା ।

(ସ୍ୱାକ୍ଷର) ୦୩.୦୮.୨୦୨୫

ଶିଶୁବିକାଶ ଯୋଜନା ଅଧିକାରୀ
Child Development Project Officer
ଲାଞ୍ଜିଗଡ
Lanjigarh

ପରିପତ୍ର ସଂଖ୍ୟା ୮୫୦ ତା ୦୩.୦୮.୨୦୨୫

ଏହାର ଏକକିତା ନକଲ ସମ୍ପୃକ୍ତ ଗ୍ରାମ / ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ବିଜ୍ଞାପନ ଫଳକରେ ସଂଲଗ୍ନ କରାଗଲା ।

(ସ୍ୱାକ୍ଷର) ୦୩.୦୮.୨୦୨୫

ଶିଶୁବିକାଶ ଯୋଜନା ଅଧିକାରୀ
Child Development Project Officer
ଲାଞ୍ଜିଗଡ
Lanjigarh

ପରିପତ୍ର ସଂଖ୍ୟା ୮୫୧ ତା ୦୩.୦୮.୨୦୨୫

ଏହାର ଏକକିତା ନକଲ ସମ୍ପୃକ୍ତ ସୁପରଭାଇଜର, ଚିକିତ୍ସା ଅଧିକାରୀ, ବିଶ୍ୱନାଥପୁର / ସମ୍ପୃକ୍ତ ଏ.ଏନ୍.ଏମ୍ / ଗୋଷ୍ଠି ଶିକ୍ଷା ଅଧିକାରୀ, ଲାଞ୍ଜିଗଡଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

(ସ୍ୱାକ୍ଷର) ୦୩.୦୮.୨୦୨୫

ଶିଶୁବିକାଶ ଯୋଜନା ଅଧିକାରୀ
Child Development Project Officer
ଲାଞ୍ଜିଗଡ
Lanjigarh

ପରିପତ୍ର ସଂଖ୍ୟା ୮୫୨ ତା ୦୩.୦୮.୨୦୨୫

ଏହାର ଏକକିତା ନକଲ ଉପ ଜିଲ୍ଲାପାଳ, ଭବାନୀପାଟଣା / ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ,କଳାହାଣ୍ଡିଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

(ସ୍ୱାକ୍ଷର) ୦୩.୦୮.୨୦୨୫

ଶିଶୁବିକାଶ ଯୋଜନା ଅଧିକାରୀ
Child Development Project Officer
ଲାଞ୍ଜିଗଡ
Lanjigarh

Scanned with OKEN Scanner